дҰҰа¬¬ а¬°а¬ҫа¬ң (а¬®аӯға¬Ө) а¬Ұа¬ҫа¬Ҝа¬ја¬ҫа¬Ұа¬®а¬ҫа¬Ёа¬ҷаӯҚа¬• а¬®а¬ҫа¬§аӯҚа¬Ҝа¬®а¬°аӯҮ

а¬¬а¬Ёа¬ҫа¬®

а¬Ұа¬ҫа¬Ҝа¬ја¬ҫа¬Ұа¬®а¬ҫа¬Ёа¬ҷаӯҚа¬• а¬®а¬ҫа¬§аӯҚа¬Ҝа¬®а¬°аӯҮ а¬№а¬°а¬¬а¬Ӯа¬¶ а¬ёа¬ҝа¬Ӯа¬№ (а¬®аӯға¬Ө)

а¬«аӯҮа¬¬аӯҚа¬°аӯҒа¬Ҷа¬°аӯҖ 19, 1996

[а¬•аӯҮ. а¬°а¬ҫа¬®а¬ёаӯҚа¬¬а¬ҫа¬®аӯҖ а¬Ҹа¬¬а¬Ӯ а¬ңа¬ҝ. а¬¬а¬ҝ. а¬Әа¬ҹаӯҚа¬ҹа¬Ёа¬ҫа¬Ҝа¬ја¬•, а¬ЁаӯҚа¬Ҝа¬ҫа¬Ҝа¬ја¬®аӯӮа¬°аӯҚа¬ӨаӯҚа¬Ө]

а¬ёа¬®аӯҚа¬Әа¬ӨаӯҚа¬Өа¬ҝ а¬№а¬ёаӯҚа¬Өа¬ҫа¬ЁаӯҚа¬Өа¬°а¬Ј а¬…а¬§аӯҚа¬ҝа¬Ёа¬ҝа¬Ҝа¬ја¬®, 1882:

а¬ӯаӯӮа¬®а¬ҝ- а¬¬а¬ҝа¬•аӯҚа¬°а¬ҝ а¬Ҹа¬№а¬ҝ а¬ёа¬°аӯҚа¬ӨаӯҚа¬Ө а¬үа¬Әа¬°аӯҮ а¬ҜаӯҮ а¬¬а¬ЁаӯҚа¬§а¬• а¬•аӯҚа¬°аӯҮа¬Өа¬ҫа¬ҷаӯҚа¬• а¬ҰаӯҚа¬¬а¬ҫа¬°а¬ҫ а¬®аӯҒа¬•аӯҚа¬Ө а¬№аӯҮа¬¬- а¬¬а¬ҝа¬•аӯҚа¬°аӯҮа¬Өа¬ҫа¬ҷаӯҚа¬• а¬ҰаӯҚа¬¬а¬ҫа¬°а¬ҫ а¬¬а¬ЁаӯҚа¬§а¬• а¬Әа¬ҫа¬Үа¬Ғ а¬Әа¬°а¬ҝа¬¶аӯӢа¬§аӯҚа¬ҝа¬Ө а¬•а¬ҝа¬ёаӯҚа¬Өа¬ҝ а¬Әа¬°а¬ҝа¬®а¬ҫа¬Ј- а¬ҜаӯҮа¬№аӯҮа¬ӨаӯҒ а¬ёа¬°аӯҚа¬ӨаӯҚа¬Ө а¬ӘаӯӮа¬°а¬Ј а¬№аӯӢа¬Үа¬Ёа¬ҫа¬№а¬ҝа¬Ғ, а¬¬а¬ҝа¬•аӯҚа¬°аӯҮа¬Өа¬ҫ а¬Ұа¬ҫа¬¬а¬ҝ а¬•а¬°а¬ҝа¬ӣа¬ЁаӯҚа¬Өа¬ҝ а¬ҜаӯҮ а¬ёаӯҮ а¬¬а¬ҝа¬•аӯҚа¬°а¬Ҝа¬ј а¬ҰаӯҚа¬¬а¬ҫа¬°а¬ҫ а¬Ҷа¬¬а¬ҰаӯҚа¬§ а¬ЁаӯҒа¬№а¬Ға¬ЁаӯҚа¬Өа¬ҝ- а¬•аӯҒа¬№а¬ҫа¬—а¬Іа¬ҫ, а¬ёа¬ҫа¬•аӯҚа¬·аӯҚа¬Ҝа¬ӘаӯҚа¬°а¬®а¬ҫа¬Ј а¬ёаӯҚа¬Әа¬·аӯҚа¬ҹ а¬ӯа¬ҫа¬¬а¬°аӯҮ а¬Ұа¬°аӯҚа¬¶аӯҚа¬Ҫа¬Ҹ а¬ҜаӯҮ а¬¬а¬ЁаӯҚа¬§а¬• а¬•аӯҮа¬¬а¬і а¬¬а¬ҝа¬•аӯҚа¬°аӯҮа¬Өа¬ҫа¬ҷаӯҚа¬• а¬ҰаӯҚа¬¬а¬ҫа¬°а¬ҫ а¬Әа¬°а¬ҝа¬¶аӯӢа¬§ а¬•а¬°а¬ҫа¬Ҝа¬ҫа¬Үа¬ҘаӯҚа¬ҝа¬Іа¬ҫ- а¬•аӯҚа¬°аӯҮа¬Өа¬ҫ а¬ӘаӯҚа¬°а¬®а¬ҫа¬Ј а¬•а¬°а¬ҝа¬Ёа¬ҫа¬№а¬ҫа¬Ға¬ЁаӯҚа¬Өа¬ҝ а¬ҜаӯҮ а¬ёаӯҮ а¬¬а¬ЁаӯҚа¬§а¬• а¬Әа¬°а¬ҝа¬¶аӯӢа¬§ а¬Әа¬ҫа¬Үа¬Ғ а¬ҹа¬ҷаӯҚа¬•а¬ҫ а¬Ҷа¬—аӯҒа¬Ҷ а¬ӘаӯҚа¬°а¬Ұа¬ҫа¬Ё а¬•а¬°а¬ҝа¬ӣа¬ЁаӯҚа¬Өа¬ҝ- а¬ёаӯҮа¬№а¬ҝ а¬•аӯҚа¬·аӯҮа¬ӨаӯҚа¬°а¬°аӯҮ а¬ёаӯҮ а¬°а¬ҫа¬ңа¬ёаӯҚа¬¬ а¬…а¬ӯа¬ҝа¬ІаӯҮа¬–а¬°аӯҮ а¬Өа¬ҫа¬ҷаӯҚа¬• а¬Ёа¬ҫа¬® а¬Әа¬°а¬ҝа¬¬а¬°аӯҚа¬ӨаӯҚа¬Өа¬Ё а¬•а¬°а¬ҝа¬Ҙа¬ҫа¬ЁаӯҚа¬ӨаӯҮ- а¬ҜаӯҮа¬№аӯҮа¬ӨаӯҒ а¬•аӯҚа¬°аӯҮа¬Өа¬ҫа¬ҷаӯҚа¬• а¬ҰаӯҚа¬¬а¬ҫа¬°а¬ҫ а¬ёа¬°аӯҚа¬ӨаӯҚа¬Ө а¬ӘаӯӮа¬°а¬Ј а¬№аӯӢа¬Үа¬Ёа¬ҘаӯҚа¬ҝа¬Іа¬ҫ, а¬¬а¬ҝа¬•аӯҚа¬°аӯҮа¬Өа¬ҫ а¬¬а¬ҝа¬•аӯҚа¬°а¬Ҝа¬ј а¬ҰаӯҚа¬¬а¬ҫа¬°а¬ҫ а¬Ҷа¬¬а¬ҰаӯҚа¬§ а¬ЁаӯҒа¬№а¬Ға¬ЁаӯҚа¬Өа¬ҝ ।

а¬ҰаӯҮа¬“а¬ҫа¬ЁаӯҖ а¬…а¬Әа¬ҝа¬І а¬…а¬§аӯҚа¬ҝа¬•а¬ҫа¬°а¬ҝа¬Өа¬ҫ: а¬ҰаӯҮа¬“а¬ҫа¬ЁаӯҖ а¬Ҷа¬¬аӯҮа¬Ұа¬Ё а¬ёа¬Ӯа¬–аӯҚа¬Ҝа¬ҫ 4286/1996

а¬Ҷа¬°.а¬Ҹа¬ё. а¬ёа¬Ӯа¬–аӯҚа¬Ҝа¬ҫ 600/1995 а¬°аӯҮ а¬Әа¬һаӯҚа¬ңа¬ҫа¬¬ а¬Ҹа¬¬а¬Ӯ а¬№а¬°а¬ҝа¬Ҝа¬ја¬ҫа¬Ја¬ҫ а¬үа¬ҡаӯҚа¬ҡ а¬ЁаӯҚа¬Ҝа¬ҫа¬Ҝа¬ја¬ҫа¬іа¬Ҝа¬ја¬ҷаӯҚа¬• а¬Өа¬ҫ 15.3.95 а¬°а¬ҝа¬–а¬° а¬°а¬ҫа¬Ҝа¬ј а¬Өа¬Ҙа¬ҫ а¬Ҷа¬ҰаӯҮа¬¶а¬°аӯҒ

а¬Ҷа¬¬аӯҮа¬Ұа¬Ёа¬•а¬ҫа¬°аӯҖа¬ҷаӯҚа¬• а¬Әа¬ҫа¬Үа¬Ғ а¬¬а¬ҝ. а¬Ўа¬ҝ. а¬¶а¬°аӯҚа¬®аӯҚа¬®а¬ҫ ।

а¬ӘаӯҚа¬°а¬Өа¬ҝа¬¬а¬ҫа¬ҰаӯҖа¬®а¬ҫа¬Ёа¬ҷаӯҚа¬• а¬Әа¬ҫа¬Үа¬Ғ а¬ЁаӯҖа¬°а¬ң а¬ңаӯҲа¬Ё а¬Ҹа¬¬а¬Ӯ а¬ёаӯҒа¬¶аӯҚа¬°аӯҖ а¬Ҷа¬ӯа¬ҫ а¬Ҷа¬°. а¬¶а¬°аӯҚа¬®аӯҚа¬®а¬ҫ ।

а¬ЁаӯҚа¬Ҝа¬ҫа¬Ҝа¬ја¬ҫа¬іа¬Ҝа¬ја¬° а¬Ёа¬ҝа¬®аӯҚа¬Ёа¬®а¬ӨаӯҮ а¬Ҷа¬ҰаӯҮа¬¶ а¬ӘаӯҚа¬°а¬Ұа¬ҫа¬Ё а¬•а¬°а¬ҫа¬Ҝа¬ҫа¬Үа¬ҘаӯҚа¬ҝа¬Іа¬ҫ:

а¬…а¬ЁаӯҒа¬®а¬Өа¬ҝ а¬®а¬һаӯҚа¬ңаӯҒа¬° а¬•а¬°а¬ҫа¬—а¬Іа¬ҫ ।

а¬Ҷа¬®аӯҮ а¬үа¬ӯа¬Ҝа¬ј а¬Әа¬•аӯҚа¬·а¬° а¬“а¬•а¬ҝа¬Іа¬ҷаӯҚа¬•аӯҒ а¬¶аӯҒа¬Ја¬ҝа¬ӣаӯҒ ।

а¬Ҷа¬¬аӯҮа¬Ұа¬Ёа¬•а¬ҫа¬°аӯҖ а¬ёаӯҚа¬¬аӯҖа¬•а¬ҫа¬°а¬ҜаӯӢа¬—аӯҚа¬Ҝ а¬ӯа¬ҫа¬¬а¬°аӯҮ 18 а¬ҹа¬ҝ а¬•аӯҮа¬Ёа¬ҫа¬І а¬Ҹа¬¬а¬Ӯ а¬®а¬ҫа¬°аӯҚа¬Іа¬ҫ а¬ӯаӯӮа¬®а¬ҝа¬° а¬®аӯӮа¬і а¬®а¬ҫа¬Іа¬ҝа¬• । а¬ҳаӯӢа¬·а¬Ја¬ҫ а¬Ҹа¬¬а¬Ӯ а¬Ёа¬ҝа¬·аӯҮа¬§а¬ҫа¬ҰаӯҮа¬¶ а¬Әа¬ҫа¬Үа¬Ғ а¬Өа¬ҫа¬ҷаӯҚа¬• а¬®а¬•а¬ҰаӯҚа¬Ұа¬®а¬ҫа¬°аӯҮ, а¬¬а¬ҝа¬ҡа¬ҫа¬°а¬Ј а¬ЁаӯҚа¬Ҝа¬ҫа¬Ҝа¬ја¬ҫа¬іа¬Ҝа¬ј а¬®а¬•а¬ҰаӯҚа¬Ұа¬®а¬ҫа¬° а¬Ўа¬ҝа¬•аӯҚа¬°а¬ҝ а¬ҰаӯҮа¬Үа¬ҘаӯҚа¬ҝа¬ІаӯҮ, а¬•а¬ҝа¬ЁаӯҚа¬ӨаӯҒ а¬Ҷа¬¬аӯҮа¬Ұа¬Ёа¬°аӯҮ а¬Ҹа¬№а¬ҫа¬•аӯҒ а¬Әа¬ҫа¬Іа¬ҹа¬ҫ а¬Ҝа¬ҫа¬Үа¬ҘаӯҚа¬ҝа¬Іа¬ҫ । а¬®а¬ҫа¬°аӯҚа¬ҡаӯҚа¬ҡ 15, 1995 а¬°аӯҮ а¬Әа¬һаӯҚа¬ңа¬ҫа¬¬ а¬Ҹа¬¬а¬Ӯ а¬№а¬°а¬ҝа¬Ҝа¬ја¬ҫа¬Ја¬ҫ а¬үа¬ҡаӯҚа¬ҡ а¬ЁаӯҚа¬Ҝа¬ҫа¬Ҝа¬ја¬ҫа¬іа¬Ҝа¬ј а¬ҰаӯҚа¬¬а¬ҝа¬ӨаӯҖа¬Ҝа¬ј а¬Ҷа¬¬аӯҮа¬Ұа¬Ё а¬ёа¬Ӯа¬–аӯҚа¬Ҝа¬ҫ 600/95 а¬°аӯҮ а¬Ҹа¬№а¬ҫа¬•аӯҒ а¬ёаӯҒа¬Ёа¬ҝа¬¶аӯҚа¬ҡа¬ҝа¬Ө а¬•а¬°а¬ҝа¬ҘаӯҚа¬ҝа¬ІаӯҮ ।

а¬ёаӯҚа¬¬аӯҖа¬•аӯға¬Ө а¬°аӯӮа¬ӘаӯҮ а¬Ҷа¬¬аӯҮа¬Ұа¬Ёа¬•а¬ҫа¬°аӯҖ а¬®а¬ҫа¬Іа¬ҝа¬• а¬№аӯӢа¬Үа¬ҘаӯҚа¬ҝа¬¬а¬ҫа¬°аӯҒ, а¬ӘаӯҚа¬°а¬Өа¬ҝа¬¬а¬ҫа¬ҰаӯҖа¬ҷаӯҚа¬•аӯҒ а¬ёа¬®аӯҚа¬Әа¬ӨаӯҚа¬Өа¬ҝа¬•аӯҒ а¬¬а¬ҝа¬•аӯҚа¬°а¬ҝ а¬•а¬°а¬ҝа¬ҘаӯҚа¬ҝа¬ІаӯҮ । а¬¬а¬ҝа¬•аӯҚа¬°а¬Ҝа¬ј а¬Өа¬ҫа¬°а¬ҝа¬– а¬ёаӯҒа¬Ұаӯҹа¬ҫ, а¬ёаӯҚа¬¬аӯҖа¬•аӯға¬Ө а¬°аӯӮа¬ӘаӯҮ, а¬Ҹа¬№а¬ҫ а¬Ҹа¬• а¬¬аӯҚа¬Ҝа¬ҫа¬ҷаӯҚа¬•а¬°аӯҮ 5,000 а¬ҹа¬ҷаӯҚа¬•а¬ҫ а¬Әа¬ҫа¬Үа¬Ғ а¬¬а¬ЁаӯҚа¬§а¬• а¬°а¬–а¬ҫа¬Ҝа¬ҫа¬Үа¬ҘаӯҚа¬ҝа¬Іа¬ҫ а¬Ҝа¬ҫа¬№а¬ҫа¬•аӯҒ а¬ӘаӯҚа¬°а¬Өа¬ҝа¬¬а¬ҫа¬ҰаӯҖа¬ҷаӯҚа¬•аӯҒ а¬Әа¬°а¬ҝа¬¶аӯӢа¬§ а¬•а¬°а¬ҝа¬¬а¬ҫа¬•аӯҒ а¬ҘаӯҚа¬ҝа¬Іа¬ҫ । а¬Ҷа¬¬аӯҮа¬Ұа¬Ёа¬•а¬ҫа¬°аӯҖ а¬Өа¬ҝа¬ЁаӯӢа¬ҹа¬ҝ а¬•а¬ҝа¬ёаӯҚа¬Өа¬ҝ а¬ӘаӯҚа¬°а¬Ұа¬ҫа¬Ё а¬•а¬°а¬ҝа¬ҘаӯҚа¬ҝа¬ІаӯҮ, а¬Ҝа¬ҫа¬№а¬ҫ а¬№аӯӢа¬ёа¬ҝа¬Ҷа¬°а¬ӘаӯҒа¬°а¬° а¬ӘаӯҚа¬°а¬ҫа¬Ҙа¬®а¬ҝа¬• а¬•аӯға¬·а¬ҝ а¬¬аӯҚа¬Ҝа¬ҫа¬ҷаӯҚа¬•а¬° а¬•а¬ҝа¬°а¬ҫа¬ЈаӯҖ а¬—аӯҒа¬°аӯҒа¬Ұа¬ҝа¬Ҷа¬ІаӯҚ а¬ёа¬ҝа¬Ӯа¬ҷаӯҚа¬• а¬¬а¬ҝа¬¬аӯға¬Өа¬ҝа¬°аӯҒ а¬ӘаӯҚа¬°а¬®а¬ҫа¬Ја¬ҝа¬Ө а¬№аӯӢа¬Үа¬ӣа¬ҝ । а¬Өа¬ҫа¬ҷаӯҚа¬• а¬ёа¬ҫа¬•аӯҚа¬·аӯҚа¬Ҝа¬ӘаӯҚа¬°а¬®а¬ҫа¬Ј а¬®а¬ҫа¬§аӯҚа¬Ҝа¬®а¬°аӯҮ а¬Ҹа¬№а¬ҫ а¬®а¬§аӯҚа¬Ҝ а¬ӘаӯҚа¬°а¬®а¬ҫа¬Ја¬ҝа¬Ө а¬№аӯӢа¬Үа¬ҘаӯҚа¬ҝа¬Іа¬ҫ а¬ҜаӯҮ а¬°а¬Ја¬ңа¬ҝа¬Ө а¬ёа¬ҝа¬Ӯа¬№ а¬Өа¬ҝа¬ЁаӯӢа¬ҹа¬ҝ а¬•а¬ҝа¬ёаӯҚа¬Өа¬ҝа¬°аӯҮ а¬Ҹа¬№а¬ҝ а¬…а¬°аӯҚа¬Ҙ а¬ӘаӯҚа¬°а¬Ұа¬ҫа¬Ё а¬•а¬°а¬ҝа¬ҘаӯҚа¬ҝа¬ІаӯҮ; а¬—аӯӢа¬ҹа¬ҝа¬Ҹ 1975 а¬°аӯҮ, а¬…а¬ЁаӯҚа¬Ҝа¬ҹа¬ҝ а¬Ўа¬ҝа¬ёаӯҮа¬®аӯҚа¬¬а¬°, 1976 а¬°аӯҮ а¬Ҹа¬¬а¬Ӯ а¬Өаӯға¬ӨаӯҖа¬Ҝа¬ја¬ҹа¬ҝ а¬Ўа¬ҝа¬ёаӯҮа¬®аӯҚа¬¬а¬°, 1977 а¬°аӯҮ । а¬—аӯӢа¬ҹа¬ҝа¬Ҹ а¬ҰаӯҮа¬Ҝа¬ј а¬®а¬§аӯҚа¬Ҝ а¬¬а¬іа¬ңа¬ҝа¬ӨаӯҚ а¬ёа¬ҝа¬Ӯа¬ҷаӯҚа¬• а¬ҰаӯҚа¬¬а¬ҫа¬°а¬ҫ а¬ӘаӯҚа¬°а¬Ұа¬ҫа¬Ё а¬•а¬°а¬ҫа¬Ҝа¬ҫа¬Үа¬ҘаӯҚа¬ҝа¬Іа¬ҫ а¬Ҹа¬¬а¬Ӯ

ଆବେଦନକାରୀ ନିଜେ 18 ଡିସେମ୍ବର, 1979 ରେ ଅନ୍ତିମ ଦେୟ ପ୍ରଦାନ କରିଥିଲେ । ତେଣୁ, ତାଙ୍କର ମାମଲା ଏହିକି ଯେ ସେ ନେଇଥିବା ଋଣ ତାଙ୍କ ଦ୍ୱାରା ହିଁ ପରିଶୋଧ କରାଯାଇଛି, ଯଦିଓ ବିକ୍ରୟ ପ୍ରତିବାଦୀଙ୍କ ସପକ୍ଷରେ ସମ୍ପାଦନ ହୋଇଥିଲା । ବିକ୍ରୟ ଏକ ସର୍ତ୍ତମୂଳକ ବିକ୍ରୟ ହୋଇଥିବାରୁ, ଯେହେତୁ ପ୍ରତିବାଦୀ ସର୍ତ୍ତାବଳୀ ପାଳନ କରିନଥିଲେ, ତେଣୁ ସେ ବିକ୍ରୟ ଦ୍ୱାରା ଆବଦ୍ଧ ନୁହଁନ୍ତି । ସେ ଏହା ମଧ୍ୟ ନିବେଦନ କରିଛନ୍ତି ଯେ ସେ ପ୍ରତିକୂଳ ଦଖଲ ଦ୍ୱାରା ତାଙ୍କ ସ୍ୱତ୍ୱ ସିଦ୍ଧ କରିଛନ୍ତି । ପ୍ରତିବାଦୀ ଲିଖିତ ବିବୃତିରେ ନିବେଦନ କରିଥିଲେ ଯେ ବିକ୍ରୟ ପ୍ରତିମୂଲ୍ୟ ପାଇଁ ଥିଲା ଏବଂ ସେ ତାଙ୍କ ନାମରେ ବିକ୍ରୟ ସ୍ଥାନାନ୍ତର କରାଇଥିଲେ: ତାଙ୍କର ଆଇନଗତ ଅଧିକାର ଅଛି; ଏବଂ ତେଣୁ, ନିଷେଧାଦେଶ ମଞ୍ଜୁର କରାଯାଇପାରିବ ନାହିଁ । ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କ ପୁତ୍ର ରଣଜିତ ସିଂଙ୍କ ଦ୍ୱାରା କରାଯାଇଥିବା ଦେୟ ଉପରେ ନିର୍ଭର କରିଥିଲେ ଏବଂ ସେ ସେହି ପରିମାଣର ଦେୟ ପ୍ରଦାନ କରିଥିଲେ । ସେହି ଆଧାରରେ, ବିଚାରଣ ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଥିଲେ ଯେ ପ୍ରତିବାଦୀମାନେ ଋଣ ପରିଶୋଧ କରିନାହାଁନ୍ତି ।

ବ୍ୟାଙ୍କର କିରାଣୀ ଗୁରୁଦିଆଲ୍ ସିଂଙ୍କ ବିନିର୍ଦ୍ଦିଷ୍ଟ ସାକ୍ଷ୍ୟପ୍ରମାଣକୁ ଦୃଷ୍ଟିରେ ରଖି ଏହା ସ୍ପଷ୍ଟ ଯେ ଆବେଦନକାରୀ ନିଜେ ସମଗ୍ର ଋଣ ପରିଶୋଧ କରିଥିଲେ । ଆବେଦନକାରୀଙ୍କ ମାମଲା ଏହା ନୁହେଁ ଯେ ସେ ସେହି ଟଙ୍କା ପ୍ରତିବାଦୀଙ୍କୁ ପରିଶୋଧ କରିବା ପାଇଁ ଆଗୁଆ ପ୍ରଦାନ କରିଥିଲେ ଏବଂ ତାଙ୍କ ତରଫରୁ ଆବେଦନକାରୀ ବ୍ୟାଙ୍କର ଋଣ ପରିଶୋଧ କରିଥିଲେ । ଏହି ପ୍ରସଙ୍ଗରେ ସେହି ଦୃଷ୍ଟିକୋଣରୁ, ଏହା ସ୍ପଷ୍ଟ ଯେ ବିକ୍ରୟ ଏକ ସର୍ତ୍ତମୂଳକ ବିକ୍ରୟ ହୋଇଥିବାରୁ, ପ୍ରତିବାଦୀ ସର୍ତ୍ତ ପାଳନ କରିନଥିଲେ, ବିକ୍ରୟ ଅସିଦ୍ଧ ଯୋଗ୍ୟ ହୋଇଗଲା ଯାହା ବିବାଦଭୁକ୍ତ ହୋଇନାହିଁ । ରାଜସ୍ୱ ଅଭିଲେଖରେ ଥିବା ସମସ୍ତ ନାମାନ୍ତରଣ ଲିଖିତ ବିଷୟ ତାଲିକାରେ, ଆବେଦନକାରୀଙ୍କ ନାମ ମାଲିକ ଭାବରେ ଜାରି ରହିଥିଲା । ଯଦି ପ୍ରକୃତରେ, ପ୍ରତିବାଦୀ ଋଣ ପରିଶୋଧ କରିଥାନ୍ତେ, ତେବେ ଜଣେ ଆଶା କରିବେ ଯେ ସେ ରାଜସ୍ୱ ଅଭିଲେଖରେ ତାଙ୍କ ନାମ ପରିବର୍ତ୍ତନ କରାଇଥା'ନ୍ତେ । ସେ କେବେ ବି ଏପରି ପ୍ରୟାସ କରିନଥିଲେ ଯାହା ସ୍ପଷ୍ଟ ଭାବରେ ଦର୍ଶାଇବ ଯେ ସେ ପ୍ରାଥମିକ ବ୍ୟାଙ୍କର ଋଣ ପରିଶୋଧ କରିନାହାଁନ୍ତି ଯାହା ସାପେକ୍ଷରେ ବିକ୍ରୟଟି କରାଯାଇଥିଲା । ବିଚାରଣ ନ୍ୟାୟାଳୟର ଡିକ୍ରିକୁ ପାଲଟାଇଲା ବେଳେ ଆବେଦନ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ ସମସ୍ୟାକୁ ଉପଯୁକ୍ତ ଦୃଷ୍ଟିକୋଣରୁ ଦେଖିନାହାଁନ୍ତି ।

ଆବେଦନକୁ ମଞ୍ଜୁରୀ ଦିଆଯାଇଛି । ଦ୍ୱିତୀୟ ଆବେଦନରେ ଉଚ୍ଚ ନ୍ୟାୟାଳୟ ତଥା ଆବେଦନ ନ୍ୟାୟାଳୟର ରାୟ ଏବଂ ଡିକ୍ରି ରଦ୍ଦ କରାଯାଇଛି ଏବଂ ବିଚାରଣ ନ୍ୟାୟାଳୟର ଡିକ୍ରିକୁ ପୁନଃ ପ୍ରତିଷ୍ଠା କରାଯାଉଛି । ପ୍ରାର୍ଥନା ଅନୁସାରେ ମକଦ୍ଦମାର ନିର୍ଣ୍ଣୟ ହୋଇଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଜି.ଏନ.

ଆବେଦନକୁ ମଞ୍ଜୁରୀ ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**